# Akashvani, Sambalpur

## SAMBALPURI NEWS BULLETIN

### 3 August 2025 - 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ- କେନ୍ଦୁଝର୍ ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଦିନ୍କିଆ କେନ୍ଦୁଝର୍ ଗସ୍ତଥି ଯିବେ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ପରିସର୍ ନ 'ଏକଲ୍ ଶିକ୍ଷା ରଥ', ଏମ୍ବୁଲେନ୍ସ ଆଉ ମା ତାରିଣୀଙ୍କର୍ ନଡ଼ିଆ ସଂଗ୍ରହ ଗାଡ଼ିର୍ ଉଦ୍ଘାଟନ୍ କର୍ବାର୍ କାର୍ଯ୍ୟକ୍ରମ୍ ରହିଛେ । ସଖାଲ୍ବେଲା ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ୍ଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେବେ । ଉପର୍ବେଲା ୩ ବଜେ କେନ୍ଦୁଝର୍ ଷ୍ଟାଡ଼ିୟମ୍ ଠାନେ ସାହାଣୀ କପ୍ ଫୁଟ୍ବଲ୍ ଟୁର୍ଣ୍ଣାମେଂଟ୍ର ଫାଇନାଲ୍ ମେଚ୍ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଚେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ I&PR

ଭୁବ୍ନେଶ୍ୱର୍ ଠାନେ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ

ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଶ୍ୱ ବାଣିଜ୍ୟ ଦିବସ I&PR

୨୦୩୬ ଆଉ ୨୦୪୭ ମସିହାତକ ବିକଶିତ୍ ଓଡ଼ିଶା ଆଉ ବିକଶିତ୍ ଭାରତ୍ ଗଠନ୍ ଲାଗି ସାମୂହିକ୍ ଚେରେଷ୍ଟା ଦର୍‌କାର୍ ବଲି ରାଜ୍ୟପାଲ୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଭୁବ୍‌ନେଶ୍ୱର୍ ନ ହେଇଥିବା ବିଶ୍ୱ ବାଣିଜ୍ୟ ଦିବସ୍ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟପାଲ୍ କହିଛନ୍, ଆନ୍ତର୍ଜାତୀୟ ବାଣିଜ୍ୟ ଖାଲି ସାମଗ୍ରୀ ଆଉ ସେବାର୍ ଦିଆନିଆ ନୁହେଁସେ, ଇଟା ଗୁଟେ ପରିବର୍ତ୍ତନ୍‌ଶୀଳ ଶକ୍ତି । ଯେନ୍‌ଟାକି ନବସୃଜନକେ ତହଁକାବାର୍ ସହେତେ ନିଯୁକ୍ତି ସୁଯୋଗ୍ ସୃଷ୍ଟି କର୍‌ସି । ଇତାର୍‌ଛଡ଼ା ଓଡ଼ିଶାର୍ ହସ୍ତତନ୍ତ, ହସ୍ତଶିଳ୍ପ ଆଉ ଜିଆଇ ଟେଗ୍ ପାଇଥିବା ଦରବ୍ ମାନ୍‌କର୍ ଉପଯୁକ୍ତ ବ୍ରାଣ୍ଡିଂ କରାଯାଇକରି ବିଶ୍ୱ ବଜାର୍ ନ ତାର୍ ଚାହିଦାକେ ବଢ଼ାବାର୍ ଦିଗେ କାମ୍ କର୍‌ବାର୍‌କେ ରାଜ୍ୟପାଲ୍ ଆହ୍ୱାନ୍ ଦେଇଛନ୍ ।

ବଲଙ୍ଗା ପିଡ଼ିତା ମୃତ୍ୟୁ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗଲା ୧୫ ଦିନ୍ ହେଲା ଜୀବନ୍ ସାଙ୍ଗେ ଲଢ଼ିକରି ଆଉ ଏମ୍ସର ଅଭିଜ୍ଞ ଡାକ୍ତରୀ ଦଲ୍ର ଅଠିପହର୍ ଚେରେଷ୍ଟା ସତ୍ୱେ ବଲଙ୍ଗା ପିଡ଼ିତାଙ୍କର୍ ଗଲାକାଏଲ୍ ଜୀବନ୍ ଯାଇଛେ । ଦିଲ୍ଲୀ ଏମ୍ସ ନ ଚିକିତ୍ସାଧୀନ୍ ଅବସ୍ଥାଥି ତାଙ୍କର୍ ମୃତ୍ୟୁ ହେଇଛେ । ଆଏଜ୍ ଶବ ବ୍ୟବଛେଦ୍ କରାଯିବାର୍ ଉତ୍ରୁ ମରଶରୀରକେ ଭୁବ୍ନେଶ୍ୱର୍ ଅନାଯିବା ବଲି ସୂଚ୍ନା ମିଲିଛେ । ଇ ଘଟ୍ନାଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଗଭୀର୍ ଶୋକ ପ୍ରକାଶ୍ କର୍ବାର୍ ସହେତେ ପରିବାର୍ ଲୁକ୍କୁ ସମବେଦନା ଜନେଇଛନ୍ ।

ସୁଲଭ ସ୍ୱାସ୍ଥ୍ୟସେବା ପ୍ରକଳ୍ପ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ସାଧାରଣ୍ ଲୁକ୍କୁ ସହଜ୍ ଆଉ ସୁଲଭ ଦର୍ଥି ଚିକିତ୍ସା ସେବା ଯୁଗେଇ ଦେବାର୍ ଲାଗି ହେଇଥିବା ସୁଲଭ ସ୍ୱାସ୍ଥ୍ୟସେବା ପ୍ରକଳ୍ପକେ କାର୍ଯ୍ୟକାରୀ କର୍ବାର୍କେ ୨୫ ଟା ଜାଗା ଚିହ୍ନଟ୍ ହେଇଛେ । ପହେଲା ଖେପେ ଝାର୍ସୁଗୁଡ଼ା, ଅନୁଗୁଲ୍, କେନ୍ଦୁଝର୍ ଆର୍ ଭଦ୍ରକ୍ ଜିଲ୍ଲା ନ ଇଟା ଲାଗୁ କରାଯିବା । ପିପିପି ମୋଡ୍ଥି ହେବାର୍କେ ଥିବା ଇ ବ୍ୟବସ୍ଥାର୍ ପରିଚାଲନାର୍ ତଦାରଖ୍ ଲାଗି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ଏଜେନ୍ସି ଚୟନ୍ ଲାଗି ଆହ୍ୱାନ୍ କରାଯାଇଛେ । ରାଜ୍ୟର୍ ଆର୍ଥିକ୍ ଦୁର୍ବଲ୍ ଶ୍ରେଣୀ

ଆଉ ଭିତ୍‌ରିଆ ଇଲାକା ନ ରହୁଥିବା ଲୁକ୍‌କର୍ ପାଖେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପୁହୁଁଚାବାର୍ ଲାଗି ଇ ପ୍ରକଳ୍ପ ମୁଲ୍ କରାଯାଇଛେ ।

ବିଶ୍ୱ ମିତ୍ରତା ଦିବସ୍        ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ମିତ୍ରତା ଦିବସ୍ । ସମାଜ୍ ନ ମିତ୍ରତା ଜରିଏ ଶାନ୍ତିର୍ ସଂସ୍କୃତିକେ ବଢ଼ାବାର୍ ଲାଗି ୧୯୫୮ ମସିହାନୁ ଆନ୍ତର୍ଜାତୀୟ ସଂଗଠନ୍ ତର୍‌ଫୁ ଅଗଷ୍ଟ ମାସର୍ ପହେଲା ରଏବାର୍‌କେ ବିଶ୍ୱ ମିତ୍ରତା ଦିବସ୍ ଭାବେ ପାଲନ୍ କରାଯାଉଛେ । ୨୦୧୧ ମସିହାନ ମିଳିତ ଜାତିସଂଘର୍ ସାଧାରଣ ପରିଷଦ୍‌ଥି ଇ ଦିବସ୍‌କେ ସ୍ୱିକୃତ କରାଯାଇଥିଲା । ଲୁକ୍‌କର୍ ଭିତ୍‌ରେ ସାମାଜିକ୍ ସୌହାର୍ଦ୍ଦ୍ୟକେ ମଜ୍‌ବୁତ୍ କର୍‌ବାର୍ ଲାଗି ଭିଲ୍ ବିଶ୍ୱ ମିତ୍ରତା ଦିବସ୍ ପାଲନ୍ କରାଯାଉଛେ ।

ସ୍ୱାଧୀନତା ଦିବସ୍ କାର୍ଯ୍ୟକ୍ରମ-ନିଉତା     ସୁବର୍ଣ୍ଣପୁର୍ ସମ୍ବାଦଦାତା

୭୯ ନମ୍ବର୍ ସ୍ୱାଧୀନତା ଦିବସ୍ କାର୍ଯ୍ୟକ୍ରମ୍ ଲାଗି ରାଷ୍ଟ୍ରପତି ଭବନ୍ ନ ହେବାର୍‌କେ ଥିବା ଖାସ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ ଲାଗି ଓଡ଼ିଶାର୍ ୩ ଝନ୍‌କୁ ନିଉତା ଦିଆଯାଇଛେ । ସୁବର୍ଣ୍ଣପୁର୍ ଜିଲ୍ଲାର୍ ବିନ୍‌କା ବିଞ୍ଝପିଟ୍ ଅଂଚଲ୍ ପରିଷଦ୍ ମନ୍‌ହାରି ପଡ଼ାର୍ ସୁରେଖା ମଲ୍ଲିକ୍‌ଙ୍କୁ

ରାଷ୍ଟ୍ରପତି ଭବନ୍ ଯିବାର୍ ଲାଗି ନିଉତା ମିଲିଛେ । ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନାଥି ସୁରେଖାଙ୍କୁ ରହେବାର୍ ଲାଗି ଘର୍ ମିଲ୍‌ବାର୍ ଉତ୍‌ରୁ ସେ ନିଜର୍ ଖୁସି ଜାହିର୍ କର୍‌ବାର୍ ସହେତେ ପ୍ରଧାନ୍‌ମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜନେଇଛନ୍ ।
(ଭଏସ୍ ଓଭର୍- ସୁବର୍ଣ୍ଣପୁର୍)

ସାହାଣୀ କପ୍- ଫାଇନାଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

୬୪ ନମ୍ବର୍ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ୍- ସାହାଣୀ କପ୍ ର ୨ ନମ୍ବର୍ ଫାଇନାଲ୍ ମେଚ୍ ଆଏଜ୍ କେନ୍ଦୁଝର୍ ନ ସମ୍ବଲ୍‌ପୁର୍ ଆର୍ କଟକ୍ ଭିତ୍‌ରେ ଖେଲାଯିବା । ବୌଦ୍ଧ ଠାନେ ହେଇଥିବା ପହେଲା ଫାଇନାଲ୍ ମେଚ୍ ଇ ଦୁହି ଦଲ୍ ଭିତ୍‌ରେ ଖେଲାଯାଇଥିଲା । ଇଥି କଟକ୍ ଦଲ୍ ୧-ଶୂନ୍ ଗୋଲ୍‌ଥି ଜିତିଥିଲା । ଆଝିର୍ ଖେଲ୍ ଉତ୍‌ରୁ ପଏଂଟ୍ ତାଲିକା ଦେଖିକରି ବିଜୟୀ ଦଲ୍ ଘୋଷ୍‌ନା କରାଯିବା ବଲି ଜନାପଡ଼ିଛେ ।

ଅଭିଯୋଗ୍ ଶୁଣାଣି- ରାଜସ୍ୱମନ୍ତ୍ରୀ ବର୍‌ଗଡ଼୍ ସମ୍ବାଦଦାତା

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଦିନ୍‌କିଆ ବର୍‌ଗଡ଼୍ ଗସ୍ତଥି ଆସିକରି ଗଲାକାଏଲ୍ ଅମ୍ବାପାଲି ସାର୍କିଟ୍ ହାଉସ୍ ଠାନେ ସାଧାରଣ୍ ଲୁକଙ୍କର୍ ଅଭିଯୋଗ୍ ଶୁଣାଣି କର୍‌ବାର୍ ସହେତେ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ଠାନେ ବିଭାଗୀୟ ଅଧିକାରୀମାନ୍‌କର୍ କାମ୍‌ର ସମୀକ୍ଷା କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପୂଜାରୀ ଶହେ ୪୬ ଟା ଅଭିଯୋଗ୍‌ର ଶୁଣାଣି କରିକରି ସେସବୁର୍ ତୁର୍‌ତି ସମାଧାନ୍ ଲାଗି ଜିଲ୍ଲାପାଲ୍ ଆଉ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ୪ ଝନ୍‌କୁ ଚିକିତ୍ସା ଲାଗି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ୨୦ ହଜାର୍ ଟଙ୍କା ଲେଖା ସାହାଜ୍, ବର୍‌ଗଡ଼୍ ତହସିଲ୍‌ର ୭ ଝନ୍ ଭୂମିହୀନ ହିତାଧିକାରୀଙ୍କୁ ବସୁନ୍ଧରା ପଟ୍ଟା ଆଉ ୪ ଝନ୍ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍‌ଚେୟାର୍ ଭିଲ୍ ମନ୍ତ୍ରୀ ଦେଇଛନ୍ ।

ଡେଙ୍ଗୁ ମାସ, ଯକ୍ଷ୍ମା ରୋଗ୍ ସଚେତନତା/ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ନ ଇ ବଛର୍ ଡେଙ୍ଗୁ ମାସ ପାଳନ୍ ଆଉ ଯକ୍ଷ୍ମା ରୋଗ୍ ସଚେତନତା ଲାଗି ପୁର୍‌ନା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ ନ ଗୁଟେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଅଧ୍ୟକ୍ଷ ଆଉ ଜିଲ୍ଲାପାଲ୍ କବିନ୍ଦ୍ର କୁମାର୍ ସାହୁ ଅଧ୍ୟକ୍ଷତା

କରିକରି ରୋଗ୍‌ର କାରଣ୍ ଆଉ ନିରାକରଣ୍ ବାବ୍‌ଦେ ଆଲୋଚନା କରିଥିଲେ ।